ଓଡିଶା ରାଜ୍ୟ ଅର୍ଥ ନିଗମ
ଓ.ଏମ.ପି ଛକ, କଟକ – ୭୫୩୦୦୩,

# ବିକ୍ରୟ ବିଜ୍ଞାପନ

ବିଜ୍ଞାପନ ନଂ·DDAC/୦୧ /୧୪-୧୫ ତା ୧୩/୦୬/୨୦୧୪

ଓଡିଶା ରାଜ୍ୟ ଅର୍ଥ ନିଗମ ନିର୍ଦ୍ଧାରିତ ଜଉମୁଦ ଦିଆ ଟେଣ୍ଡର ଫର୍ମ ମାଧ୍ୟମରେ ତା୨୫/୦୬/୨୦୧୪ ସମୟ ଦିବା ୧୧ ଘଟିକାରେ ଓଡିଶା ରାଜ୍ୟ ଅର୍ଥ ନିଗମ ଭୁବନେଶ୍ବର ଶାଖା କାର୍ଯ୍ୟାଳୟ, ଇନ୍ଦ୍ରଧନୁ ମାର୍କେଟ୍, ଆଇ·ଆର୍·ସି ଭିଲେଜ୍ ,ଭୁବନେଶ୍ବର ଠାରେ ହେବାକୁ ଥିବା **Default-cum-Disposal Advisory Committee (DDAC)** ଦ୍ବାରା ନିମ୍ନୋକ୍ତ ଜବତ ସଂପତ୍ତିକୁ "ଯେଉଁଠାରେ ଯେଉଁଭଳି ଅଛି ସେହି ଅବସ୍ଥାରେ" ବିକ୍ରୟ ପାଇଁ ଦରଖାସ୍ତ ଆହ୍ବାନ କରୁଅଛି । ନିର୍ଦ୍ଧାରିତ ଟେଣ୍ଡର ଦରଖାସ୍ତ ଫର୍ମ, ବିକ୍ରୟର ନିୟମ ଓ ସର୍ତ୍ତାବଳୀ, ସ୍ଥାବର/ଅସ୍ଥାବର ସଂପତ୍ତିର ବିଶଦ ବିବରଣୀ ଟେଣ୍ଡର ପକାଇବାର ପ୍ରଣାଳୀ ଇତ୍ୟାଦି ଗୁଡିକ ଆମ୍ଭର ୱେବ୍ ସାଇଟ୍ **www.osfcindia.com** ରୁ ସଂଗ୍ରହ କରି ହେବ । ଟେଣ୍ଡର ଫର୍ମ କୁ ସଠିକ୍ ଭାବେ ପୂରଣ କରି ତା୨୪/୦୬/୨୦୧୪ ସମୟ ୫ ଘଟିକା ମଧ୍ୟରେ ଆମ୍ଭ କଟକ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ପକାଇବାକୁ ହେବ କିମ୍ବା Registered Post/ Speed Post ମାଧ୍ୟମରେ ତଳଲିଖିତ ଠିକଣାରେ ପଠାଇ ପାରିବେ । କୌଣସି ଟେଣ୍ଡର ଆବେଦନ ପତ୍ର ଯଦି ବିଳମ୍ବରେ ଏବଂ ନିର୍ଦ୍ଧାରିତ ଅମାନତ ଜମା ବିନା ଏବଂ ଠିକ୍ ଭାବରେ ପୂରଣ କରାଯାଇ ନ ଥିବ ତେବେ ତାହା ନାକଚ ହୋଇଯିବ ।

ଉକ୍ତ ସମ୍ପତ୍ତିର କୌଣସି ଅଂଶ କିମ୍ବା ସମସ୍ତ କ୍ରୟ ପ୍ରସ୍ତାବକୁ ଗ୍ରହଣ କିମ୍ବା ନାକଚ କରିବା ନିଷ୍ପତ୍ତି ନିଗମର ଇଚ୍ଛାଧୀନ ଅଟେ ଏବଂ କୌଣସି କାରଣ ନ ଦର୍ଶାଇ ମଧ୍ୟ ନିଗମ ଉକ୍ତ ସମ୍ପତ୍ତିକୁ ଋଣଗ୍ରହିତାଙ୍କୁ ଫେରସ୍ତ କରିପାରିବ ।

## ବିକ୍ରୟ ସମ୍ପତ୍ତିର ବିବରଣୀ

| କ୍ରମାଙ୍କ | ଶିଳ୍ପର / ଋଣ ଗ୍ରହିତାଙ୍କ ନାମ /ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|
| ୦୧ | ଶ୍ରୀ ଲୋକନାଥ ସାହାଣୀ ଙ୍କ **Tata Truck No. OR-09-E-1073, 2004 model ( Kept at Central Garrage, Cuttack)** ସଂ·ମୂ – ଟ· ୧·୦୦ ଲକ୍ଷ (ପାରାଦୀପ ଶାଖା) | ଟ· ୫,୦୦୦/- |
| ୦୨ | ଶ୍ରୀ ନେତ୍ରାନନ୍ଦ ପାତ୍ରଙ୍କ **Tata Truck No. OR-05-C-5594, 1995** Model ( **Kept at Central Garrage, Cuttack)** ସଂ·ମୂ – ଟ· ୨·୧୦ ଲକ୍ଷ (ପାରାଦୀପ ଶାଖା) | ଟ· ୧୦,୫୦୦/- |
| ୦୩ | ମେସର୍ସ ଅଶୋକା ହେଲ୍‌ଥ କେୟାର (ପ୍ରା) ଲିଃ, ନୟାପଲ୍ଲୀ, ଭୁବନେଶ୍ବର (କ ଓ ଅନ୍ୟାନ୍ୟ ଆସବାବ ପତ୍ର) ସଂ·ମୂ – ଟ· ୨·୦୨ ଲକ୍ଷ (ଭୁବନେଶ୍ବର ଶାଖା) | ଟ· ୧୦,୨୦୦/- |
| ୦୪ | ମେସର୍ସ ଶ୍ରୀଧର ଆଲୁମିନିୟମ୍ (ପ୍ରା) ଲିଃ, ଶିଳ୍ପାଞ୍ଚଳ, ରାଧାଦାମୋଦରପୁର (ଆଠଗଡ), କଟକ (କ) ସଂ·ମୂ – ଟ· ୧·୭୫ ଲକ୍ଷ (କଟକ ଶାଖା) | ଟ· ୮,୮୦୦/- |
| ୦୫ | ମେସର୍ସ କିରଣ ଇଣ୍ଡଷ୍ଟ୍ରି, ମୌ- ଉଲ୍ଲିସିର୍କା, ନର୍ଲାରୋଡ କଳାହାଣ୍ଡି (ଜ·ଗୃ) ସଂ·ମୂ – ଟ· ୫·୫୪ ଲକ୍ଷ (ସମ୍ବଲପୁର ଶାଖା) | ଟ· ୨୨,୮୦୦/- |
| ୦୬ | ଶ୍ରୀ ଦୀପକ କୁମାର ପାଣ୍ଡେ ଙ୍କ ଟାଟା ସୁମୋ ( **OR-03B-0296**). ଅର୍ଥନିଗମ ସମ୍ବଲପୁର ଶାଖା ରେ ଅଛି, ସଂ·ମୂ – ଟ·୦·୬୦ ଲକ୍ଷ (ସମ୍ବଲପୁର ଶାଖା) | ଟ· ୩,୦୦୦/- |
| ୦୭ | ମେସର୍ସ ହିନ୍ଦୁସ୍ତାନ ସ୍ପନ୍ ପାଇପ୍, ମୁରୁଣା, ସିମୁଳିଆ, ବାଲେଶ୍ବର, (ଜ·ଗୃ) ସଂ·ମୂ – ଟ· ୮୫·୦୭ ଲକ୍ଷ (ବାଲେଶ୍ବର ଶାଖା) | ଟ· ୪,୨୫,୪୦୦/- |
| ୦୮ | ଶ୍ରୀ ଶ୍ରୀଧର ବାରିକ ଙ୍କ ସ୍ଥାବର ସଂପତ୍ତି (ମୌ- ରଘୁନାଥପୁର, ବାରିପଦା, ମୟୂରଭଞ୍ଜ (ଜମି – Ac. ୦·୧୫ **dec**), ସଂ·ମୂ –ଟ·୨୨·୫୦ ଲକ୍ଷ (ବାଲେଶ୍ବର ଶାଖା) | ଟ· ୧,୧୨,୫୦୦/- |
| ୦୯ | ଶେଖ୍ ସବିର୍ ଅଲ୍ଲିଙ୍କ ଟାଟା ଟ୍ରକ୍ **(OR-09C-8508, Kept at OSFC Garage, O T Road, Balasore)** ସଂ·ମୂ – ଟ·୩·୦୦ ଲକ୍ଷ (ବାଲେଶ୍ବର ଶାଖା) | ଟ· ୧୫,୦୦୦/- |
| ୧୦ | ମେସର୍ସ ଏ· ପି · ଇଣ୍ଡଷ୍ଟ୍ରି, Type - II/11, ଶିଳ୍ପାଞ୍ଚଳ, କଳୁଙ୍ଗା, ରାଉରକେଲା (ଜ·ଗୃ) ସଂ·ମୂ –ଟ·୨୩·୦୦ ଲକ୍ଷ (ରାଉରକେଲା ଶାଖା) | ଟ· ୧,୧୫,୦୦୦/- |

ଋଣ ଗ୍ରହିତା/ଜାମିନ ଦାତା/ବନ୍ଧକ ଦାତାଙ୍କୁ ଏତଦ୍ବାରା ବିଜ୍ଞାପନ ଜାରି ମାଧ୍ୟମରେ ଅନୁରୋଧ କରାଯାଉଅଛି ଯେ ସେ ନିଜେ କିମ୍ବା ତାଙ୍କର ସ୍ବିକୃତପ୍ରାପ୍ତ ପ୍ରତିନିଧି ଜରିଆରେ ନିଗମର DDAC ସମ୍ମୁଖରେ ନିର୍ଦ୍ଧାରିତ ସମୟ, ତାରିଖ ଓ ସ୍ଥାନ ରେ ହାଜର ହୋଇ ଋଣ ପରିଶୋଧ କରି ସେମାନଙ୍କର ଜବତ ସମ୍ପତ୍ତିକୁ ମୁକୁଳାଇବା ପାଇଁ ପ୍ରସ୍ତାବ ଦେବେ । ସେ ମଧ୍ୟ ନିଜ ଇଚ୍ଛାନୁଯାୟୀ ଉପଯୁକ୍ତ ଗ୍ରାହକ ଯୋଗାଡ କରି ଓ ଉପର ବିହିତ ମାଧ୍ୟମରେ ଟେଣ୍ଡର ପ୍ରଦାନ କରି ନିଲାମରେ ଭାଗନେଇ ତାଙ୍କ ସମ୍ପତ୍ତିକୁ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବାରେ ସୁଯୋଗ ନେଇ ପାରିବେ । ଯଦି ସେମାନେ DDAC ସମ୍ମୁଖରେ ଉପସ୍ଥିତ ନ ହୁଅନ୍ତି କିମ୍ବା ନିଗମକୁ ସନ୍ତୁଷ୍ଟ କଲାଭଳି ପ୍ରସ୍ତାବ ନ ଦିଅନ୍ତି ତେବେ ଧରାଯିବଯେ ସେମାନଙ୍କର ସମ୍ପତ୍ତି ମୁକୁଳାଇବାର ଉଦ୍ଦେଶ୍ୟ ନାହିଁ । ନିଗମ ଋଣ ଗ୍ରହିତା/ଜାମିନ ଦାତା/ବନ୍ଧକ ଦାତାଙ୍କୁ ବ୍ୟକ୍ତିଗତ ନୋଟିସ୍ ଦେବାକୁ ବାଧ୍ୟ ନୁହେଁ ଏବଂ ଏହି ବିଜ୍ଞାପନ ସେମାନଙ୍କର ଅବଗତ ନିମନ୍ତେ ଯଥେଷ୍ଟ ।

ବିକ୍ରୟ ବିଜ୍ଞାପନ ଏବଂ ୱେବ୍ ସାଇଟ୍ ରେ ପ୍ରକାଶିତ ହୋଇଥିବା ତଥ୍ୟ ଜନିତ ତ୍ରୁଟି ମାର୍ଜ୍ଜନୀୟ ।

ବି·ଦ୍ର –

ଜ·ଗୃ·କ – ଜମି, ଗୃହ ଓ କଳକବ୍‌ଜା

ସଂ ମୂ – ସଂରକ୍ଷିତ ମୂଲ୍ୟ

ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶମତେ
ଉପସାଧାରଣ ପରିଚାଳକ (ଋଣ ଆଦାୟ ବିଭାଗ)
ଓଡିଶା ରାଜ୍ୟ ଅର୍ଥ ନିଗମ, ଓ.ଏମ.ପି ଛକ, କଟକ – ୩